ବାୱା ରାମ୍ ଏବଂ ଅନ୍ୟଜଣେ

ବନାମ

ଚଣ୍ଡୀଗଡ଼ କେନ୍ଦ୍ର ଶାସିତ ଅଞ୍ଚଳ

ଫୌଜଦାରୀ ଆବେଦନ ସଂଖ୍ୟା 988/2007

ମେ 5,2009

**[ଡକ୍ଟର ଅରିଜିତ ପଶାୟତ, ଆଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦଣ୍ଡ ସଂହିତା, 1860:ଧାରା 34 ସହ ଧାରା 302 - ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ ନିମ୍ନ ନ୍ୟାୟାଳୟଙ୍କ ଦ୍ୱାରା ଦୋଷୀସାବ୍ୟସ୍ତିକରଣ - ଘଟଣାର ପ୍ରତ୍ୟକ୍ଷଦର୍ଶୀ ବୋଲି କୁହାଯାଉଥିବା ମୃତକ ପିତାମାତା ଏବଂ ସମ୍ପର୍କୀୟମାନେ, ତଦନ୍ତ ସମୟରେ ଦିଆଯାଇଥିବା ବିବୃତିରୁ ଓହରି ଆସିଲେ ଏବଂ ଏହି ପ୍ରଭାବ ସହ ଶପଥ ପୂର୍ବକ ସାକ୍ଷ୍ୟ ପ୍ରଦାନ କରିଥିଲେ ଯେ ମୃତ ବ୍ୟକ୍ତି ବିକୃତ ମସ୍ତିଷ୍କ ଥିଲେ ଏବଂ ତାଙ୍କର ଆତ୍ମହତ୍ୟା ପ୍ରବୃତ୍ତି ଥିଲା - ରାୟ ଦିଆଗଲା ଯେ : ମାମଲାର ସ୍ୱତନ୍ତ୍ର ତଥ୍ୟରେ, ଦୋଷୀସାବ୍ୟସ୍ତିକରଣକୁ ରଦ୍ଦ କରିଦିଆଗଲା ।*

ଅଭିଯୋଜନ ପକ୍ଷର ମାମଲା ଏହା ଥିଲା ଯେ ମୃତ ଏବଂ ଅଭିଯୁକ୍ତ ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଥିଲା ଯେଉଁଥିପାଇଁ ଅଭିଯୁକ୍ତ ବ୍ୟକ୍ତିମାନେ ମୃତଙ୍କ ଉପରେ କିରୋସିନ୍ ଢାଳିଦେଇଥିଲେ । ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିଲେ ମୃତକଙ୍କ ପିତା , ମାତା ଏବଂ ମାମୁଁ । ତଦନ୍ତ ସମୟରେ, ସେମାନେ ସମସ୍ତେ ସେମାନଙ୍କ ଦେଇଥିବା ବିବୃତ୍ତିରୁ ଓହରି ଆସିଲେ । ତେବେ ଅଭିଯୋଜନ ପକ୍ଷ ଦୁଇଟି ମୃତ୍ୟୁକାଳୀନ ଜମାନବନ୍ଦୀ ଉପରେ ନିର୍ଭର କରିଥିଲେ । ବିଚାରଣ ନ୍ୟାୟାଳୟ, ଧାରା 34 ସହ ଧାରା 303କୁ ଲାଗୁ କରି ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ ଦୋଷୀସାବ୍ୟସ୍ତିକରଣର ଆଦେଶ ଦେଲେ, ଯାହାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସୁନିଶ୍ଚିତ କରାଗଲା । ତେଣୁ ବର୍ତ୍ତମାନର ଏହି ଆବେଦନ ।

ଏହି ଆବେଦନକୁ ଫଇସଲା କରି ଏହି ନ୍ୟାୟାଳୟ ରାୟ ଦେଲେ ଯେ :

1.ଏହା ସତ୍ୟ ଯେ ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୋଜନ ମାମଲାକୁ ସମର୍ଥନ କରୁନଥିଲେ ମଧ୍ଯ ମୃତ୍ୟୁକାଳୀନ ଜମାନବନ୍ଦୀ ଦୋଷୀସାବ୍ୟସ୍ତିକରଣର ଆଧାର ହୋଇପାରେ । ମାମଲାର ନିର୍ଦ୍ଦିଷ୍ଟ

**ତଥ୍ୟରେ ଯେଉଁଠାରେ ପିତା, ମାତା ଏବଂ ଅନ୍ୟ ସମ୍ପର୍କୀୟ ଏବଂ ଏପରିକି ଜଣେ ବ୍ୟକ୍ତି ଯିଏ ଆହତ ହୋଇଥିବା ଦାବି କରିଥିଲେ, ସେମାନେ ତଦନ୍ତ ସମୟରେ ଦେଇଥିବା ବିବୃତ୍ତିରୁ ଓହରି ଆସିଲେ ଏବଂ ଏହି ପ୍ରଭାବ ସହ ଶପଥ ପୂର୍ବକ ସାକ୍ଷ୍ୟ ଦେଇଥିଲେ ଯେ ମୃତକ ବିକୃତ ମସ୍ତିଷ୍କ ଥିଲେ ଏବଂ ତାଙ୍କର ଆତ୍ମହତ୍ୟା ପ୍ରବୃତ୍ତି ଥିଲା ବୋଲି ଏହି ପ୍ରଭାବକୁ ଅଣଦେଖା କରାଯାଇପାରିବ ନାହିଁ । ସେହି ପୃଷ୍ଠଭୂମିରେ ଜଣେ ବିକୃତ ମସ୍ତିଷ୍କର ବ୍ୟକ୍ତିଙ୍କ ବିବୃତିକୁ ବିଚାର କରିବାକୁ ପଡିବା।ତେଣୁ ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ ଦଣ୍ଡାଦେଶକୁ ବଜାୟ ରଖିବା ନିରାପଦ ହେବ ନାହିଁ । ତେଣୁ ଆବେଦନକାରୀମାନଙ୍କୁ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରାଗଲା ।**

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 988/2007

ଫୌଜଦାରୀ ଆବେଦନ ସଂଖ୍ୟା 924/2009 ସହିତ ଫୌଜଦାରୀ ଆବେଦନ ସଂଖ୍ୟା 864-DB/2004 ରେ ଚଣ୍ଡୀଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣାର ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ର ତାରିଖ 08.05.2006ରେ ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏ. ପି. ଏସ୍. ଦେଓଲ, (ଏନ୍. ପି.), ହରିକେଶ ସିଂହ ତାଙ୍କ ସହିତ କମଲ ଗୁପ୍ତା ।

ଉତ୍ତରଦାତାଙ୍କ ତରଫରୁ ଶୋମିଲା ବକ୍ସି, ରାଣୀ ମିଶ୍ର (ସୁଶ୍ରୀ କାମିନୀ ଜୟଶୱାଲଙ୍କ ପାଇଁ) ।

**ନ୍ୟାୟମୂର୍ତ୍ତି ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1. ସ୍ୱତନ୍ତ୍ର ଅନୁମତି ଆବେଦନ ( ଫୌଜଦରୀ ) ସଂଖ୍ୟା 2006/4210 କୁ ଅନୁମତି ପ୍ରଦାନ କରାଗଲା ।

2. ଯେହେତୁ ଏହି ଉଭୟ ଆବେଦନ, ଚଣ୍ଡିଗଡ଼ ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ଏକ ସାମୂହିକ ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୋଇଛି, ତେଣୁ ଏକ ସାମୂହିକ ରାୟ ଦ୍ୱାରା ସେଗୁଡ଼ିକର ଫଇସଲା କରାଗଲା ।

3. ଭାରତୀୟ ଦଣ୍ଡ ସଂହିତାର ଧାରା 34 ସହ ଧାରା 302 କୁ ଲାଗୁ କରି ଦଣ୍ଡନୀୟ ଅପରାଧ ପାଇଁ ଆବେଦନକାରୀଙ୍କୁ ହୋଇଥିବା ଦୋଷୀସାବ୍ୟସ୍ତିକରଣକୁ କାଏମ ରଖିଥିବା, ପଞ୍ଜାବ

ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠ ର ରାୟକୁ ଏହି ଆବେଦନରେ ଆପତ୍ତି କରାଯାଇଛି ।

4. ବିଚାର ସମୟରେ ଅଭିଯୋଜନ ପକ୍ଷର ବିବୃତ୍ତି ପ୍ରକାଶ ପାଇଥିଲା ଯେ 16.7.2000 ରେ ପୂର୍ବ ଶତ୍ରୁତା କାରଣରୁ ଅଭିଯୁକ୍ତ ବ୍ୟକ୍ତିମାନେ ନଜର ଖାନ୍ ଙ୍କ (ଏହା ପରେ ମୃତକ ବୋଲି ସୂଚିତ) ଉପରେ କିରୋସିନି ତେଲ ଢାଳିଦେଲେ । ସେମାନଙ୍କ ଦ୍ବାରା ତାଙ୍କୁ ଜାଳି ଦିଆଗଲା । ମୃତକ ଙ୍କ ପିତା (ଅଭିଯୋଜନ ସାକ୍ଷୀ - 3), ମାତା (ଅଭିଯୋଜନ ସାକ୍ଷୀ - 4) , ମାମୁଁ (ଅଭିଯୋଜନ ସାକ୍ଷୀ - 5) ଏବଂ ତାଙ୍କ ନିକଟ ସମ୍ପର୍କୀୟ ବୋଲି କୁହାଯାଉଥିବା ଅନ୍ୟ ବ୍ୟକ୍ତିବିଶେଷମାନେ ଯଥା ( ଅଭିଯୋଜନ ସାକ୍ଷୀ 2,3 ଏବଂ 7 ) ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିଲେ । ତଦନ୍ତ ଶେଷ ହେବା ପରେ ଆରୋପ ପତ୍ର ଦାଖଲ କରାଯାଇଥିଲା ଏବଂ ଅଭିଯୁକ୍ତମାନେ ବିଚାରର ସମ୍ମୁଖୀନ ହୋଇଥିଲେ । ସେମାନେ ନିର୍ଦ୍ଦୋଷୀ କହି ଅଭିଯୋଗକୁ ଅସ୍ବୀକାର କରିଥିଲେ । ଅଭିଯୋଜନ ପକ୍ଷ 16. 7 . 2000 ତାରିଖରେ ଲିପିବଦ୍ଧ ହୋଇଥିବା ଦୁଇଟି ମୃତ୍ୟୁ କାଳୀନ ଜମାନବନ୍ଦୀ ଉପରେ ନିର୍ଭର କରିଥିଲେ । ପ୍ରଥମଟି ସହକାରୀ ଉପ ଆରକ୍ଷୀ ନିରୀକ୍ଷକ ଏବଂ ଦ୍ଵିତୀୟଟି ଜିଲ୍ଲା ଦଣ୍ଡାଧିକାରୀଙ୍କ ଦ୍ୱାରା ଲିପିବଦ୍ଧ ହୋଇଥିଲା । ପ୍ରଥମଟି ସେହି ଦିନ ହିଁ 10.10 a. m ଏବଂ ଦ୍ଵିତୀୟ ଟି 11.40 a. m ରେ ଲିପିବଦ୍ଧ ହୋଇଥିଲା । ବିଚାରଣ ନ୍ୟାୟାଳୟ ଲକ୍ଷ୍ୟ କରିଥିଲେ ଯେ ଯଦିଓ ସମ୍ପର୍କୀୟ ଏବଂ ଆହତ ବ୍ୟକ୍ତିମାନେ ତଦନ୍ତ ସମୟରେ ଦିଆଯାଇଥିବା ବିବୃତ୍ତିରୁ ଓହରି ଆସିଥିଲେ, କିନ୍ତୁ ଏଠାରେ ଦୋଷୀସାବ୍ୟସ୍ତ କରିବା ପାଇଁ ମୃତ୍ୟୁକାଳୀନ ଜମାନବନ୍ଦୀ ଯଥେଷ୍ଟ ଥିଲା । ସେହି ଅନୁଯାୟୀ, ଅଭିଯୁକ୍ତମାନଙ୍କୁ ଦୋଷୀ ବୋଲି ବିଚାର କରାଗଲା । ଆବେଦନରେ ଉଚ୍ଚ ନ୍ୟାୟାଳୟ ବିଚାରଣ ନ୍ୟାୟାଳୟଙ୍କର ମତାମତ ସହିତ ସହମତ ହୋଇଥିଲେ ।

5. ଆବେଦନକୁ ସମର୍ଥନ କରି, ଏହା ଦାଖଲ ହୋଇଛି ଯେ ମୃତକ ଙ୍କ ପିତା, ମାତା ଏବଂ ଭାଇ ଯାହା ଶପଥ ପୂର୍ବକ ସାକ୍ଷୀ ଦେଇଥିଲେ ତାହାର ପୃଷ୍ଠଭୂମିରେ ତଥାକଥିତ ମୃତ୍ୟୁକାଳୀନ ଜମାନବନ୍ଦୀକୁ ପରୀକ୍ଷା କରିବାକୁ ପଡିବ । ସେମାନେ ସ୍ପଷ୍ଟ ଭାବେ କହିଥିଲେ ଯେ ମୃତକ ମାନସିକ ଭାବେ ଅସୁସ୍ଥ ଥିଲେ ଏବଂ ତାଙ୍କ ମନରେ ଆତ୍ମହତ୍ୟା କରିବାର ପ୍ରବୃତ୍ତି ଥିଲା ଏବଂ ଏହା ସ୍ବାଭାବିକ ଯେ ସେ ନିଜେ ନିଜ ଉପରେ କିରୋସିନି ତେଲ ଢାଳି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ ।

6. ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ତରଫରୁ ବିଦ୍ୱାନ ଅଧିବକ୍ତା ଦାଖଲ କରିଥିଲେ ଯେ ମୃତ୍ୟୁକାଳୀନ ଜମାନବନ୍ଦୀ ବିଶ୍ୱସନୀୟ ଥିଲା ଏବଂ ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ ହୋଇଥିବା ଦଣ୍ଡବିଧାନକୁ ବଜାୟ ରଖାଯାଇପାରିବ ନାହିଁ ।

7. ଏହା ସତ୍ୟ ଯେ ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୋଜନ ମାମଲାକୁ ସମର୍ଥନ କରୁନଥିଲେ ମଧ୍ୟ ମୃତ୍ୟୁକାଳୀନ ଜମାନବନ୍ଦୀ ଦୋଷୀସାବ୍ୟସ୍ତିକରଣର ଆଧାର ହୋଇପାରେ ।

8. ମାମଲାର ନିର୍ଦ୍ଦିଷ୍ଟ ତଥ୍ୟରେ ଯେଉଁଠାରେ ପିତା, ମାତା ଏବଂ ଅନ୍ୟ ସମ୍ପର୍କୀୟ ଏବଂ ଏପରିକି ଜଣେ ବ୍ୟକ୍ତି ଯିଏ ଆହତ ହୋଇଥିବା ଦାବି କରିଥିଲେ, ସେମାନେ ତଦନ୍ତ ସମୟରେ ଦେଇଥିବା ବିବୃତ୍ତିରୁ ଓହରି ଆସିଲେ ଏବଂ ଏହି ପ୍ରଭାବ ସହ ଶପଥ ପୂର୍ବକ ସାକ୍ଷ୍ୟ ଦେଇଥିଲେ ଯେ ମୃତକ ବିକୃତ ମସ୍ତିଷ୍କ ଥିଲେ ଏବଂ ତାଙ୍କର ଆତ୍ମହତ୍ୟା ପ୍ରବୃତ୍ତି ଥିଲା ବୋଲି ଏହି ପ୍ରଭାବକୁ ଅଣଦେଖା କରାଯାଇପାରିବ ନାହିଁ । ସେହି ପୃଷ୍ଠଭୂମିରେ ଜଣେ ବିକୃତ ମସ୍ତିଷ୍କର ବ୍ୟକ୍ତିଙ୍କ ବିବୃତିକୁ ବିଚାର କରିବାକୁ ପଡିବ । ମାମଲାର ନିର୍ଦ୍ଦିଷ୍ଟ ତଥ୍ୟରେ ଆମର ମତ ହେଉଛି ଯେ ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ ଦୋଷୀସାବ୍ୟସ୍ତିକରଣକୁ ବଜାୟ ରଖିବା ପାଇଁ ନିରାପଦ ହେବ । ତେଣୁ ଆବେଦନକାରୀମାନଙ୍କୁ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରାଗଲା । ଅନ୍ୟ କୌଣସି ମାମଲାରେ ଅଟକ ରଖିବା ଆବଶ୍ୟକ ନ ପଡ଼ିଲେ ଆବେଦନକାରୀମାନଙ୍କୁ ତୁରନ୍ତ ହାଜତରୁ ମୁକ୍ତ କରାଯିବ ।

9. ତଦନୁସାରେ ଆବେଦନଗୁଡ଼ିକର ଫଇସଲା କରାଗଲା ।

ଡି. ଜି. ଆବେଦନକୁ ଫଇସଲା କରାଗଲା ।

ବାୱା ରାମ୍ ଏବଂ ଅନ୍ୟଜଣେ ବନାମ ଚଣ୍ଡୀଗଡ଼ କେନ୍ଦ୍ର ଶାସିତ ଅଞ୍ଚଳ

[ଡକ୍ଟର ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତି]

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।